# ସମାଜ
# ତାରିଖ: ୨୧.୦୨.୨୦୨୪

## ବି.ଆଇ.ଆଇ.ଟି.ଏମ୍‌ର ରୌପ୍ୟ ଜୟନ୍ତୀ



ଭୁବନେଶ୍ୱର,୨୦।୨(ଭୁ.ପ୍ର): ବି.ଆଇ.ଆଇ.ଟି.ଏମର ରୌପ୍ୟ ଜୟନ୍ତୀ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ୟଙ୍ଗ ଇଣ୍ଡିଆ ସହଭାଗିତାରେ ଅନୁଷ୍ଠିତ ଏହି ଶିବିରରେ ୯୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମରେ ବିପିୟୁଟି କୁଳପତି ପ୍ରଫେସର ଅମିୟ ରଥ, ଆଇଆଇଟି ଖଡ଼ଗପୁରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଡା. ଦାମୋଦର ଆଚାର୍ଯ୍ୟ, ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି କୁଳପତି ପ୍ରଫେସର ପ୍ରମେନ୍ଦୁ ପି. ମାଥୁର, ବି.ଆଇ.ଆଇ.ଟି.ଏମ୍ ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ, ଏକାଡେମୀ ଉପଦେଷ୍ଟା ପ୍ରଫେସର ପିଆର ପଟ୍ଟନାୟକ, ବି.ଆଇ.ଆଇ.ଟି.ଏମ୍ ଡିନ୍ ଡ. ସୁରଜିତ କର ଉପସ୍ଥିତ ଥିଲେ। ରୌପ୍ୟ ଜୟନ୍ତୀର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପ୍ରଫେସର ଦାମୋଦର ଆଚାର୍ଯ୍ୟ ଏବଂ ପଦ୍ମଶ୍ରୀ ଦିଲିପ ତିର୍କୀଙ୍କୁ ସମ୍ମାନିତ କରାଯାଇଥିଲା। 'ପରିଚାଳନା ଉତ୍କର୍ଷତା ଏବଂ ସ୍ଥାୟୀ ଅଭିବୃଦ୍ଧି: ଆଇଟି ଏବଂ ଅପରେସନ୍' ପ୍ରସଙ୍ଗରେ ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜନ କରାଯାଇଥିଲା। ସିୱାଇଏସ୍‌ଡି ମାର୍ଗଦର୍ଶକ ଜଗଦାନନ୍ଦ, ଟାଟା ଷ୍ଟିଲ ମାଇନିଂ ଏମ୍‌ଡି ପଙ୍କଜ ସତୀଜା, ପ୍ରଫେସର ଶରଣଜିତ ସିଂହ, ପ୍ରଫେସର ଆରଏନ୍ ସୁବୁଦ୍ଧି ଯୋଗ ଦେଇଥିଲେ। ପ୍ରଫେସର ଡା. ତପନ ପଣ୍ଡା, ମୋନିକା ନାୟାର ପଟ୍ଟନାୟକ, ପ୍ରଫେସର ଅନିଲ ବାଜପେୟୀ, ବିଭୁପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ମୂଲ୍ୟବୋଧ ଅଧିବେଶନରେ ପ୍ରଫେସର ରମେଶ ବେହେଲ, ମେନୁ ପଟ୍ଟନାୟକ ଯୋଗ ଦେଇଥିଲେ। ଲିଡିସା ମଙ୍ଗତ ପଣ୍ଡା ଅଧ୍ୟକ୍ଷତା କରିଥିଲେ।